ପାଠ - ୩

# ଚାଲ ଆମେ ଗଣିବା



ମାଙ୍କଡ଼ମାନେ ନଡ଼ିଆ ବସ୍ତାଗୁଡ଼ିକୁ ଗାଡ଼ିରୁ ନେଇ ଗୋଦାମ ଘରେ ସଜାଇ ରଖୁଥାନ୍ତି । ମାଲିକ ଭାଲୁ ତଦାରଖ କରୁଥାଏ । ବୁଢ଼ାମାଙ୍କଡ଼ଟିଏ ଥରି ଥରି ନଡ଼ିଆ ବସ୍ତାଟି ନେବା ସମୟରେ ତାହା ମୁଣ୍ଡରୁ ପଡ଼ି ଫାଟିଗଲା । ବସ୍ତାର ସବୁ ନଡ଼ିଆ ଖେଳେଇ ହୋଇ ପଡ଼ିଗଲା । ଭାଲୁ ବୁଢ଼ାମାଙ୍କଡ଼କୁ ବିଶ୍ରାମ ନେବାକୁ କହିଲା । ତା ପରେ ଅନ୍ୟ ମାଙ୍କଡ଼ମାନଙ୍କୁ କହିଲା, "ପ୍ରତ୍ୟେକ ବସ୍ତାରେ ୧୦୦ଟି ଲେଖାଏଁ ନଡ଼ିଆ ଅଛି । ତୁମ୍ଭେମାନେ ଗୋଟିଏ ଲେଖାଏଁ ନଡ଼ିଆ ବସ୍ତା ମୁଣ୍ଡାଇ ନିଅ ଓ ହାତରେ ଯେତେ ପାରୁଛ (୧ଟି, ୨ଟି ବା ୩ଟି ଲେଖାଏଁ) ଅଧିକା ନଡ଼ିଆ ନେଇ ଗୋଦାମରେ ସଜାଇ ରଖ । ନିଜ ନିଜର ନଡ଼ିଆ ସଂଖ୍ୟା ହିସାବ କର – ସେହି ଅନୁସାରେ ପଇସା ପାଇବ ।" ମାଙ୍କଡ଼ମାନେ ଡେରି ନ କରି ନଡ଼ିଆ ବୋହିଲେ ଓ ନିଜ ନିଜର ନଡ଼ିଆ ସଂଖ୍ୟା ହିସାବ କଲେ ।






୫

୧୦୫

(ଶହେ ପାଞ୍ଚ)




୧୦

୧୧୦

(ଏକ ଶହ ଦଶ)

## ଅଭ୍ୟାସ

୧. ଯେପରି



= ୨୦୦



= ୩୦୦

(କ) ସେହିପରି ତଳେ (ପ୍ରତି ଧାଡ଼ିରେ) ମୋଟ କେତୋଟି ମିଠେଇ ଅଛି ତୁମେ କହ ଓ ଲେଖ।


=


=


=


=

(ଖ) ପ୍ରତି ଧାଡ଼ିରେ କେତୋଟି ଫଳ ଅଛି ଗଣି ଲେଖ।



=



=



=



=

(ଗ) କଣ୍ଟା କେତୋଟି ଅଛି ଲେଖ।



=

୨. (କ) ଆସ, ଆମେ ଖାଲି ଘରେ ସଂଖ୍ୟା ପୂରଣ କରିବା ।

| | | | | | | | | | |
|---|---|---|---|---|---|---|---|---|---|
| ୧୦୧ | ୧୦୨ | ୧୦୩ | ୧୦୪ | ୧୦୫ | ୧୦୬ | ୧୦୭ | ୧୦୮ | ୧୦୯ | ୧୧୦ |
| ୧୧୧ | | ୧୧୩ | | | | | | | |
| ୧୨୧ | | | ୧୨୪ | | | | | | |
| | | | | ୧୩୫ | | | | | |
| ୧୪୧ | | | | | ୧୪୬ | | | | |
| | | | | | | ୧୫୭ | | | |
| | | | | | | | ୧୬୮ | | |
| ୧୭୧ | | | | | | | | ୧୭୯ | |
| | | | | | | | | | ୧୯୦ |
| ୧୯୧ | | | | | | | | | ୨୦୦ |

(ଖ) ତଳେ କିପରି ସଂଖ୍ୟା ଧାଡ଼ିଟି ଲେଖାଯାଇଛି ଲକ୍ଷ୍ୟ କର ଏବଂ କ୍ରମାନ୍ୱୟରେ ସଂଖ୍ୟାଗୁଡ଼ିକୁ ଲେଖ ।

୩୧୦ ୩୧୧ ୩୧୨ ୩୧୩ ୩୧୪ ୩୧୫ ୩୧୬ ୩୧୭ ୩୧୮ ୩୧୯ ୩୨୦

୪୨୦ ___ ___ ___ ___ ___ ___ ___ ___ ___ ___

୬୪୦ ___ ___ ___ ___ ___ ___ ___ ___ ___ ___

୯୭୦ ___ ___ ___ ___ ___ ___ ___ ___ ___ ___

୬୯୦ ___ ___ ___ ___ ___ ___ ___ ___ ___ ___

୩. (କ) ତଳେ ଦିଆଯାଇଥିବା ଖାଲି ଘରେ ସଂଖ୍ୟା ପୂରଣ କର ।

| | | | | | | | | | |
|---|---|---|---|---|---|---|---|---|---|
| ୪୦୧ | ୪୦୨ | | | | | | | | |
| ୪୧୧ | | | | | | | | | |
| ୪୨୧ | | | | | | | | | |
| ୪୩୧ | | | | | | | | | |
| ୪୪୧ | | | | | | | | | |
| ୪୫୧ | | | | | | | | | |
| ୪୬୧ | | | | | | | | | |
| ୪୭୧ | | | | | | | | | |
| ୪୮୧ | | | | | | | | | |
| ୪୯୧ | | | | | | | | | ୫୦୦ |

(ଖ) ୩ ନମ୍ବର (କ)ରେ ଲେଖାଥିବା ସଂଖ୍ୟା ଗୁଡ଼ିକୁ ଲକ୍ଷ୍ୟ କରି ତଳେ ଦିଆଯାଇଥିବା ଶୂନ୍ୟସ୍ଥାନ ପୂରଣ କର ।

୪୦୨, ୪୦୪, ୪୦୬, ________, ________, ________

୪୨୧, ୪୨୪, ୪୨୭, ________, ________, ________

୪୧୦, ୪୧୫, ୪୨୦, ________, ________, ________

୪୧୦, ୪୨୦, ୪୩୦, ________, ________, ________

୪୨୩, ୪୩୩, ୪୪୩, ________, ________, ________

୪. (କ) ଆସ, ୧୦ ଅଧିକା କରି ଲେଖିବା ।

| | | | | |
|---|---|---|---|---|
| ୧୦ | ୧୧୦ | ୩୧୦ | ___ | ୧୧୮ |
| ୨୦ | ୧୨୦ | ___ | ୫୨୦ | ___ |
| ୩୦ | ___ | ___ | ___ | ___ |
| ___ | ___ | ___ | ___ | ___ |
| ___ | ___ | ___ | ___ | ___ |
| ___ | ___ | ___ | ___ | ___ |
| ___ | ___ | ___ | ___ | ___ |
| ___ | ___ | ___ | ___ | ___ |
| ___ | ___ | ___ | ___ | ___ |
| ୧୦୦ | ୨୦୦ | ୪୦୦ | ୬୦୦ | ୨୦୮ |

(ଖ) ଆସ, ସେହିପରି ୫୦ ଅଧିକା କରି ଗଣିବା ଓ ଲେଖିବା ।

୨୦୦, ୨୫୦, ________, ________, ________, ________

୩୦୦, ________, ________, ________, ________, ________

୬୫୦, ________, ________, ________, ________, ________

(ଗ) ତଳେ ଦିଆଯାଇଥିବା ସଂଖ୍ୟାରୁ ୧୦୦ ଅଧିକା କରି ପାଞ୍ଚଟି ଲେଖାଏଁ ସଂଖ୍ୟା ଲେଖ ।

୧୦୦, ________, ________, ________, ________, ________

୩୨୦ ________, ________, ________, ________, ________

୩୫୦ ________, ________, ________, ________, ________

୨୨୫ ________, ________, ________, ________, ________

୩୨୮ ________, ________, ________, ________, ________

୫. ଅଙ୍କରେ ଲେଖା ହୋଇଥିବା ସଂଖ୍ୟାକୁ ଅକ୍ଷରରେ ଲେଖା ହୋଇଥିବା ସଂଖ୍ୟାର ନାମ ସହିତ ତୀର ଚିହ୍ନ ଦେଇ ଚିହ୍ନାଅ ।

| | |
|---|---|
| ୧୦୨ | ଛଅ ଶହ କୋଡ଼ିଏ |
| ୧୨୩ | ଶହେ ଦୁଇ |
| ୧୩୨ | ଶହେ ବତିଶି |
| ୩୨୧ | ତିନି ଶହ ଅଣାନବେ |
| ୬୨୦ | ଶହେ ତେଇଶି |
| ୩୮୯ | ଚାରି ଶହ ଅଠାନବେ |
| ୪୯୮ | ତିନି ଶହ ଏକୋଇଶି |

୬. ସଂଖ୍ୟା ଗୁଡ଼ିକର ନାମକୁ ଅକ୍ଷରରେ ଲେଖ ।

(କ) ୩୨୫ ...................................................

(ଖ) ୪୦୭ ...................................................

(ଗ) ୬୬୯ ...................................................

(ଘ) ୪୬୦ ...................................................

(ଙ) ୮୮୮ ...................................................

୭. କେଉଁ ଅଣ୍ଡାରୁ କେଉଁ କୁକୁଡ଼ା ଛୁଆ ବାହାରିଛି ଗାର ଟାଣି ଯୋଡ଼ ।




୮. (କ) ଏହି ଟେବୁଲରୁ ତିନୋଟି ଅଙ୍କ ବ୍ୟବହାର କରି ତିନି ଅଙ୍କର ସଂଖ୍ୟା ଗଢ଼ । ଦେଖ, କିଏ ସବୁଠାରୁ ବେଶୀ ସଂଖ୍ୟା ଗଢ଼ି ପାରୁଛି । ଯେପରି

୧୮୫, ୨୮୭

| | | |
|---|---|---|
| ୧ | ୨ | ୩ |
| ୮ | ୦ | ୪ |
| ୭ | ୬ | ୫ |

(ଖ) ଏହି ଟେବୁଲର ଅଙ୍କଗୁଡ଼ିକୁ ବ୍ୟବହାର କରି ୩୦୦ ରୁ ୫୦୦ ଭିତରେ ସଂଖ୍ୟା ଗଢ଼ । ଏପରି କେତୋଟି ସଂଖ୍ୟା ହେଲା କହ । ସେମାନଙ୍କ ମଧ୍ୟରେ ସବୁଠାରୁ ସାନ ଓ ସବୁଠାରୁ ବଡ଼ ସଂଖ୍ୟାଟି ଲେଖ । ____________ ____________

(ଗ) ଏହି ଟେବୁଲରେ ଲାଗି ଲାଗି ଥିବା ତିନୋଟି ଘରର ଅଙ୍କକୁ ନେଇ ତିନି ଅଙ୍କର ବିଭିନ୍ନ ସଂଖ୍ୟା ଗଢ଼ । ଦେଖ, କିଏ ବେଶୀ ଗଢ଼ୁଛି । ଯେପରି – ୧୮୭, ୧୦୫ ...........

୯. ତିନିଅଙ୍କ ବିଶିଷ୍ଟ ସଂଖ୍ୟା ଗଠନ କର, ଯେଉଁ ସଂଖ୍ୟାର ଅଙ୍କମାନଙ୍କର ସମଷ୍ଟି ୫ ହେଉଥିବ । ତୁମେ ଏପରି କେତୋଟି ସଂଖ୍ୟା ତିଆରି କରିପାରିବ ?

ଯେପରି – ୩୧୧ (ଏହାର ଅଙ୍କଗୁଡ଼ିକର ସମଷ୍ଟି ୩ + ୧ + ୧ = ୫) । ତୁମେ ତିଆରି କରିଥିବା ସଂଖ୍ୟାଗୁଡ଼ିକୁ ଅକ୍ଷରରେ ତୁମ ଖାତାରେ ଲେଖ ।